# Akashvani, Sambalpur

## SAMBALPURI NEWS BULLETIN

### 14 June 2024- 6.47- 6.52 am.

*********************************************

ବିଧାୟକ୍-ଶପଥ୍ ପାଠ          ଆର୍ଏନ୍ୟୁ /ସମ୍ବଲପୁର

ବିଧାୟକ୍ ରଣେନ୍ଦ୍ର ପ୍ରତାପ୍ ସ୍ୱାଇଁଙ୍କୁ ରାଜ୍ୟ ବିଧାନ୍‌ସଭାର କାମଚଲା ବାଚସ୍ପତି ଭାବେ ନିଯୁକ୍ତି ଦିଆଯାଇଛେ । ରାଜ୍ୟପାଲ୍ ରଘୁବର୍ ଦାସ ଆଏଜ୍ ଶ୍ରୀ ସ୍ୱାଇଁଙ୍କୁ ପଦ ଆଉ ଗୋପନୀୟତାର ଶପଥ୍ ପାଠ କରାବେ । ତାର୍ ଉତ୍‌ରୁ ଆଏବା ୧୮ ଆଉ ୧୯ ତାରିଖ୍ ଦିନ ନୂଆଁ କରି ନିର୍ବାଚିତ୍ ହେଇଥିବା ବିଧାୟକ୍‌ମାନ୍‌କୁ ଶ୍ରୀ ସ୍ୱାଇଁ ପଦ ଆଉ ଗୋପନୀୟତାର୍  ଶପଥ୍ ପାଠ କରାବେ । ସେନ୍ତା ୨୦ ତାରିଖ୍ ଦିନ ବାଚସ୍ପତି ନିର୍ବାଚନ୍ ହେବା । ଇଥିର୍‌ଲାଗି ପ୍ରସ୍ତୁତି ମୁଲ୍ ହେଇଯାଇଛେ । ଇ ବାବ୍‌ଦେ ସଂସଦୀୟ ବ୍ୟାପାର୍ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ବାଚସ୍ପତି ନିର୍ବାଚନ୍        ଆର୍ଏନ୍ୟୁ /ସମ୍ବଲପୁର

ଲୋକ୍‌ସଭାର୍ ବାଚସ୍ପତି ନିର୍ବାଚନ୍ ଆଏବା ୨୬ ତାରିଖ୍ ଦିନ ହେବା । ଇଥିର୍‌ଲାଗି ସବୁ ସଦସ୍ୟମାନ୍‌କୁ ଉପସ୍ଥିତ୍ ରହେବାର୍‌କେ ସଂସଦ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ୧୮ ନମ୍ବର୍ ଲୋକ୍‌ସଭାର ପହେଲା ଅଧିବେଶନ୍ ଆଏବା ୨୪ ତାରିଖ୍‌ନୁ ମୁଲ୍ ହେଉଛେ । ଇ ଅଧିବେଶନ୍‌ଥି ଲୋକ୍‌ସଭାକେ ନୂଆଁକରି ନିର୍ବାଚିତ୍ ହେଇଥିବା ସଦସ୍ୟମାନ୍‌କର୍ ଶପଥ୍ ପାଠ୍ ସମାରୋହ ହେବା । ଇତାର୍‌ସହେତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦ୍‌ର ଲୋକ୍‌ସଭା ଆଉ ରାଜ୍ୟସଭାର ଯୁଗ୍ମ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ । ସେନ୍ତା ଆଏବା ୨୭ ତାରିଖ୍‌ନୁ ରାଜ୍ୟସଭାର୍ ଅଧିବେଶନ୍ ମୁଲ୍ ହେଉଛେ । ଆଏବା ଜୁଲାଇ ୩ ତାରିଖ୍ ଦିନ ସଂସଦ୍‌ର ଅଧିବେଶନ୍ ସର୍‌ବା ବଲି ସୂଚ୍‌ନା ମିଲିଛେ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍‌ଠାନୁ ୩ ଦିନିଆ କୃଷିଭିତିକ ରଜ ପର୍ବ ପାଲନ୍ ମୁଲ୍ ହେଇଛେ । ଆଏବାକାଏଲ୍ ରଜ ସଂକ୍ରାନ୍ତି ଆର୍ ତାର୍ ଆରଦିନ ଭୂମିଦହନ ପାଲନ୍ ହେବା । ଆଷାଢ଼ ମାସ୍ ମୁଲ୍ ନୁ ମୌସୁମୀ ଆଏସି । ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ

ମାଏଟ୍‌ର ପ୍ରଜନନ ଶକ୍ତି ବଢ଼୍‌ସି । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମି ଚାଷ୍ ଆର୍ ଅଲ୍‌ଗା ଚାଷ୍ କାମ୍ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ପୋଡ଼ପିଠା, ଖିଲିପାନ ସାଙ୍ଗେ ଦୁଲି ଖେଲ୍‌ବାର୍ ଆର୍ ଦୁଲି ଗୀତ ରଜ ପର୍ବର ମୁଖ୍ୟ ଆକର୍ଷଣ୍ ହେସି । ରଜ ପର୍ବ ଉତ୍‌ରୁ ୪ ନମ୍ବର୍ ଦିନ ବସୁମତୀ ସ୍ନାନ କରାଯିବାର୍ ସହେତେ ରଜ ପର୍ବ ଶେଷ୍ ହେସି ।

ବିଶ୍ୱ ରକ୍ତଦାତା ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ । ରକ୍ତର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନେ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆର୍ ଆନ୍ତର୍ଜାତୀୟ ରେଡ଼୍‌କ୍ରସ୍ ସଂସ୍ଥା ୨୦୦୫ ମସିହାନୁ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରୁଛେ । ରକ୍ତ ଗ୍ରୁପ୍‌ର ଉଦ୍ଭାବନ କରିଥିବା ଡାକ୍ତର୍ ଲ୍ୟାଣ୍ଡଷ୍ଟେନର୍‌ଙ୍କର୍ ସ୍ମୃତିଥି ତାଙ୍କର୍ ଜନମ୍ ଦିନ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ରକ୍ତ ଅଭାବ୍‌ର ମୁକାବିଲା ଲାଗି ସୁସ୍ଥ ଲୋକ୍‌ମାନେ ଖେପ୍ ଖେପ୍ କରି ନିୟମିତ ରକ୍ତଦାନ୍ କର୍‌ବାର୍ ଜରୁରୀ ଆଏ । ଇ ବଛର୍‌ର ବାର୍ତା

ହେଉଛେ "୨୦ ବର୍ଷ ପାଲନ୍- ରକ୍ତଦାତାଙ୍କୁ ଧନ୍ୟବାଦ" । ଇ ଅବ୍‌ସରେ ଆଏଜ୍ ଭିନ୍ ଭିନ୍ ସର୍‌କାରୀ ଆଉ ବେସର୍‌କାରୀସ୍ତରଥି ରକ୍ତଦାନ୍ ଶିବିର ଆଉ ସଚେତନତା କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଉଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ବାର୍ତାଥି ସବୁ ରକ୍ତଦାତାମାନ୍‌କୁ ଅଭିନନ୍ଦନ୍ ଜନେଇଛନ୍ ।

ସ୍କୁଲ୍- ମଧ୍ୟାହ୍ନ ଭୋଜନ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ସ୍କୁଲ୍ ଖୁଲ୍‌ବାର୍ ପହେଲା ଦିନ ସବୁ ସ୍କୁଲ୍ ମାନ୍‌କେ ମଧ୍ୟାହ୍ନ ଭୋଜନ୍ ଦିଆଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଖରାଛୁଟି ଉତାରୁ ଆଏବା ୧୮ ତାରିଖ୍ ଦିନ ସ୍କୁଲ୍ ଖୁଲ୍‌ବାର୍‌କେ ଯାଉଛେ । ଆଉ ସ୍କୁଲ୍ ଖୁଲ୍‌ବାର୍ ଦିନ ହିଁ ଛାତ୍ରଛାତ୍ରୀମାନ୍‌କୁ ମଧ୍ୟାହ୍ନ ଭୋଜନ୍ ଦିଆଯିବା । ଇନ ଜନେଇ ଦିଆଯାଇପାରେ ଯେ, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କୁ ପିଏମ୍‌ପୋଷଣ୍ କାର୍ଯ୍ୟକ୍ରମ୍‌ଥି ମଧ୍ୟାହ୍ନ ଭୋଜନ୍ ଯୁଗେଇ ଦିଆଯାଉଛେ ।

ପିଏମ୍ ପୋଷଣ୍ ସହାୟତା ଆର୍ଏନ୍ୟୁ /ସମ୍ବଲପୁର

ଶିକ୍ଷା ମନ୍ତ୍ରଣାଳୟ ତର୍ଫୁ ପିଏମ୍ ପୋଷଣ୍ ଅଧୀନ୍ଥି ଆର୍‌ଟିଇ ଆର୍ ପୋଷଣ୍ ସହାୟତା ସୁନିର୍ଶ୍ଚିତ୍ କର୍ବାର୍‌କେ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌କେ ମାର୍ଗଦର୍ଶିକା ଜାରି କରାଯାଇଛେ । ସର୍କାରୀ, ସର୍କାରୀ ଅନୁଦାନ୍ ପାଉଥିବା, ଆବାସିକ କି ସ୍ୱତନ୍ତ୍ର ସ୍କୁଲ୍‌ଥି ପଢୁଥିବା ସବୁ ଖାସ୍ ଦର୍କାର୍ ଥିବା ପିଲାମାନ୍‌କୁ ମାହାଲିଆ ୟୁନିଫର୍ମ ଆଉ ପାଠ୍ୟକ୍ରମ୍ ଯୁଗେଇ ଦେବାର୍‌କେ କୁହାଯାଇଛେ । ଇତାର୍‌ସହେତେ ସୁଖା ରାସନ୍ ଆଉ ପ୍ରତ୍ୟକ୍ଷ ଲାଭ୍ ହସ୍ତାନ୍ତର୍ କର୍ବାର୍‌କେ କୁହାଯାଇଛେ ।

ସ୍ନାନଯାତ୍ରା- ବୈଠକ୍ ଆର୍ଏନ୍ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ସ୍ନାନଯାତ୍ରାକେ ସୁରୁଖୁରୁଥି ପାଲନ୍ କର୍ବାର୍ ଲାଗି ନିଲାଦ୍ରୀ ଭକ୍ତନିବାସ୍ ଠାନେ ଆଏଜ୍ ନୀତି ସବ୍‌କମିଟି ଆଉ ଛତିଶା ନିଯୋଗ୍ ବୈଠକ୍ ବସ୍‌ବା । ନୀତି ସବ୍‌କମିଟି ବୈଠକ୍ ଉପର୍‌ବେଲା ୪ ବଜେ ବସ୍‌ବାର୍‌କେ ଥିବାର୍ ବେଲେ ଛତିଶା ନିଯୋଗ୍ ବୈଠକ୍ ସଞ୍ଜର୍ ୬ ବଜେ ବସ୍‌ବା ବଲି ଜନାପଡ଼ିଛେ । ଇ ଦୁହି ବୈଠକ୍‌ଥି ରାଜେନ୍ଦ୍ରାଭିଷେକ୍ ଠାନୁ ସ୍ନାନଯାତ୍ରାତକ୍

ନୀତିନିର୍ଘଂଟ ଅନୁମୋଦନ୍ କରାଯିବା । ନୀତି ସବ୍‌କମିଟି ଆଉ ଛତିଶାନିଯୋଗ୍ ବୈଠକ୍‌ଥି ସ୍ନାନଯାତ୍ରା ନୀତିନିର୍ଘଂଟ ଅନୁମୋଦନ୍ ଉତାରୁ ଶ୍ରୀମନ୍ଦିର୍ ପରିଚାଳନା କମିଟିଥି ଉପସ୍ଥାପନ୍ କରାଯିବା ।

ଆଧାର୍ ଅପ୍‌ଡେଟ୍- ସମିଆ ବଢ଼୍‌ଲା ଆର୍‌ଏନ୍‌ୟୁ /ସମ୍ବଲପୁର

ଭାରତୀୟ ଏକକ ପରିଚୟ କର୍ତୃପକ୍ଷ-ୟୁ.ଆଇ.ଡି.ଏ.ଆଇ ମାହାଲିଆ ଆଧାର୍ ଅପ୍‌ଡେଟ୍ କର୍‌ବାର୍ ସମୟ ସୀମାକେ ଫେର୍‌ଘାଏ ୩ ମାସ୍ ବଢ଼େଇଛେ । ଏଛେନ୍ ଆଧାର୍‌କେ ସେପ୍ଟେମ୍ବର୍ ୧୪ ତାରିଖ୍‌ତକ୍ ମାହାଲିଆ ଅପ୍‌ଡେଟ୍ କରାଯାଇପାର୍‌ବା । ଇ ଧାରିଜ୍ ସମିଆ ଉତ୍‌ରୁ ଆଧାର୍ ଅଫ୍‌ଟେଡ୍ ଲାଗି ଦେୟ ଦେବାର୍‌କେ ପଡ଼୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ମାହାଲିଆ ଆଧାର୍ ଅପ୍‌ଡେଟ୍ କର୍‌ବା ଲାଗି ଆଘୋନୁ ଜୁନ୍ ୧୪ ତାରିଖ୍ ଶେଷ୍ ଦିନ୍ ଥିଲା ।

କେନାଲ୍ ଖୁଲ୍‌ବା ଆର୍‌ଏନ୍‌ୟୁ /ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ର ଶାସନ୍ ଆଉ ବର୍‌ଗଡ଼ କେନାଲ୍ ସହେତେ ସବୁ ଡିଷ୍ଟ୍ରିବ୍ୟୁଟାରୀ କେନାଲ୍ ଆଏବା ମାସ ୧ ତାରିଖ୍ ଦିନ ଖୁଲ୍‌ବା ବଲି ହୀରାକୁଦ୍ ବନ୍ଧ କର୍ତ୍ତୃପକ୍ଷଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କେନାଲ୍ ନବୀକରଣ୍ ଲାଗି ଏବ୍‌ତକ୍ ଶାସନ୍ କେନାଲ୍‌ର ୧୫ କିଲୋମିଟର୍ ଆଉ ବର୍‌ଗଡ୍ କେନାଲ୍ ଶଯ୍ୟାର୍ କଂକ୍ରିଟ୍‌କରଣ୍ କାମ୍ ଶେଷ୍ ଖେପେ ପୁହୁଁଚିଛେ । ସେଆଡ଼େ ପର୍‌ମାଣ୍‌ପୁର୍ ଆଉ ହୁମା ଡିଷ୍ଟ୍ରିବ୍ୟୁଟାରୀର କାମ୍ ଭିଲ୍ ପାଖାପାଖି ୮୦ ପ୍ରତିଶତ୍ ଶେଷ୍ ହେଇଥିବାର୍ ଜନାପଡ଼ିଛେ ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୪୮ ଘଂଟାତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ୩/୪ ଦିନ୍‌ତକ୍ ତାପମାତ୍ରାଥି ଖାସ୍ ନାଇଁ ବଦ୍‌ଲେ ବଲି ଭୁବ୍‌ନେଶ୍ୱର୍ ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ୧୭ ତାରିଖ୍ ଉତ୍‌ରୁ ବର୍ଷାର୍ ସମ୍ଭାବନା ରହିଛେ । ରାଏଜେ ମୌସୁମୀ ପହଁଚିବାର୍ ୫ ଦିନ୍ ହେଇଯାଇଥିଲେ ଭିଲ୍ ଇତାର୍ ଖାସ୍ ପ୍ରଭାବ୍ ଦେଖିବାର୍‌କେ ନାଇଁ ମିଲି ।